# ଜିଲ୍ଲା ସଂସ୍କୃତି ପରିଷଦ: ନବରଙ୍ଗପୁର

****************************************

ପତ୍ର ସଂଖ୍ୟା ୩୪ /୨୦୧୯ ତା. ୩୦ /୦୭/୨୦୧୯ରିଖ

## ବିଜ୍ଞାପନ

ଏତଦ୍ ଦ୍ଵାରା କେବଳ ନବରଙ୍ଗପୁର ଜିଲ୍ଲାବାସୀ ଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଉପ-ଜିଲ୍ଲାପାଳ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟ ସମ୍ମୁଖ ରେ ଥିବା ମଣ୍ଡେଇ ସୁପର ବଜାର ର ଦୋକାନ ଉପଯୋଗୀ ଦୁଇ ଗୋଟି ଷ୍ଟଲ ନଂ ୪ ଓ ୫ ନିମନ୍ତେ ଇଚ୍ଛୁକ ଗ୍ରାହକଙ୍କ ଠାରୁ ରେଜିଷ୍ଟି ଡାକ / ସ୍ପୀଡ ଡାକ (Registration Post / Speed Post) ଡାକଯୋଗେ ଦରଖାସ୍ତ ଆହ୍ବାନ କରାଯାଉଅଛି । ପ୍ରତି ଷ୍ଟଲ ପାଇଁ ନିର୍ଦ୍ଧାରିତ ଅମାନତ ମୂଲ୍ୟ (Security Deposit) ଟ.୨,୫୦,୦୦୦/- (ଦୁଇ ଲକ୍ଷ ପଚାଶ ହଜାର) ଧାର୍ଯ୍ୟ କରାଯାଇଛି ଏବଂ ମାସିକ ଦୋକାନ ଘର ଭଡା ବାବଦକୁ ଟ.୧୦,୦୦୦/- ଧାର୍ଯ୍ୟ କରାଯାଇଛି । ଦରଖାସ୍ତ ଗ୍ରହଣ ର ଶେଷ ତାରିଖ. ୦୯.୦୮.୨୦୧୯ ଅପରାହ୍ନ ୦୫ ଘ. ୩୦ମି. ଓ ଷ୍ଟଲ ଲଟେରୀ ତାରିଖ. ୧୬.୦୮.୨୦୧୯ ଦିବା ୦୩.୦୦ ଘଟିକା ଅଟେ । ଇଚ୍ଛୁକ ଗ୍ରାହକ ଉକ୍ତ ସମୟ ସୀମା ମଧ୍ୟରେ ନବରଙ୍ଗପୁର ଜିଲ୍ଲା ୱେବ ସାଇଟ (www.nabarangpur.nic.in) ରେ ଉପଲବ୍ଧ ଆବେଦନ ଫର୍ମ ସଂଗ୍ରହ କରି ଟ. ୧,୦୦୦/- (ଏକ ହଜାର ଟଙ୍କା ମାତ୍ର) ଭାରତୀୟ ଷ୍ଟେଟ ବ୍ୟାଙ୍କ, ନବରଙ୍ଗପୁର ର demand draft (ଡିମାଣ୍ଡ ଡ୍ରାଫ୍ଟ) ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର (Collector-cum-Chairman, District Council of Culture, Nabarangpur) ଙ୍କ ଠିକଣା ରେ ପ୍ରସ୍ତୁତ କରି ଜିଲ୍ଲା ସଂସ୍କୃତି ଅଧିକାରୀ, ନବରଙ୍ଗପୁର ଙ୍କ ଠିକଣା ରେ ରେଜିଷ୍ଟି ଡାକ / ସ୍ପୀଡ ଡାକ (Registration Post / Speed Post) ଡାକଯୋଗେ ଆବେଦନ କରିପାରିବେ, ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । କର୍ତ୍ତୃପକ୍ଷ କାରଣ ନ ଦର୍ଶାଇ ସମସ୍ତ ଦରଖାସ୍ତ କୁ ରଦ୍ଦ ବା ନାକଚ କରିପାରିବେ । ଉକ୍ତ ବିଜ୍ଞାପନ ସମ୍ବନ୍ଧୀୟ ସମସ୍ତ ବିବରଣୀ ଏବଂ ସର୍ତ୍ତାବଳୀ ଏଥି ସହିତ ସଂଲଗ୍ନ କରାଗଲା ।

ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର ଙ୍କ ଆଦେଶକ୍ରମେ ।

ଜିଲ୍ଲା ସଂସ୍କୃତି ଅଧିକାରୀ-ତଥା-ସମ୍ପାଦକ
ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର

ପରିପତ୍ର ସଂଖ୍ୟା ୩୫ /୨୦୧୯ ତା ୩୦ /୦୭ /୨୦୧୯ ରିଖ

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ନବରଙ୍ଗପୁର ଙ୍କୁ ଅନୁରୋଧ କରାଯାଉଅଛି ଯେ, ଜିଲ୍ଲା ୱେବ ସାଇଟ ରେ ଏହି ବିଜ୍ଞପ୍ତି ଟି ପ୍ରଦର୍ଶିତ କରିବା ହେବେ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ନବରଙ୍ଗପୁର ଅନୁରୋଧ କରାଗଲା ଯେ ଉପରୋକ୍ତ ବିଜ୍ଞପ୍ତି ଟି ଏକ ଗୋଟି ରାଜ୍ୟସ୍ତରୀୟ ବହୁଳ ପ୍ରସାରିତ ଦୈନିକ ଓଡିଆ ଖବରକାଗଜରେ ପ୍ରକାଶନ ନିମନ୍ତେ ବିହିତ ବ୍ୟବସ୍ଥା ଗ୍ରହଣ କରିବେ ।

ଜିଲ୍ଲା ସଂସ୍କୃତି ଅଧିକାରୀ-ତଥା-ସମ୍ପାଦକ
ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର

ପରିପତ୍ର ସଂଖ୍ୟା ୩୬ /୨୦୧୯ ତା ୩୦ /୦୭ /୨୦୧୯ ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ, ନବରଙ୍ଗପୁର / ଆରକ୍ଷୀ ଅଧିକ୍ଷକ, ନବରଙ୍ଗପୁର / ବନୀୟ ଖଣ୍ଡ ଅଧିକାରୀ, ନବରଙ୍ଗପୁର / ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର / ଉପ-ଜିଲ୍ଲାପାଳ, ନବରଙ୍ଗପୁର / ଜିଲ୍ଲାର ସମସ୍ତ ତହସିଲଦାର / ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ / ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଙ୍କ ବିଜ୍ଞାପନ ଫଳକରେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ପ୍ରକାଶ କରିବାକୁ ଅନୁରୋଧ କରାଗଲା । ସଂସ୍କୃତି ପରିଷଦ କାର୍ଯ୍ୟଳୟ ର ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା ।

ଜିଲ୍ଲା ସଂସ୍କୃତି ଅଧିକାରୀ-ତଥା-ସମ୍ପାଦକ
ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର

# ସର୍ତ୍ତାବଳୀ

**ମଣ୍ଡେଇ ମାର୍କେଟ କୋମ୍ପ୍ଳେକ୍ସ ର ଷ୍ଟଲ ନଂ ୪ ଓ ୫ ର ନିଲାମ ର ସର୍ତ୍ତାବଳୀ**

୦୧. ମଣ୍ଡେଇ ସୁପର ମାର୍କେଟ କୋମ୍ପ୍ଳେକ୍ସ ସଂପୂର୍ଣ୍ଣ ଭାବେ ଜିଲ୍ଲା ସଂସ୍କୃତି ପରିଷଦର ଅଧିନରେ ରେ ରହିବ ।

୦୨. ଏହି ମାର୍କେଟ କୋମ୍ପ୍ଳେକ୍ସରେ କୌଣସି ପ୍ରକାରର ହୋଟେଲ, ଆମିଷ ଦ୍ରବ୍ୟ, ମଦଦୋକାନ ଖୋଲାଯାଇ ପାରିବ ନାହିଁ ।

୦୩. ଇଚ୍ଛୁକ ଗ୍ରାହକ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ www.nabarangpur.nic.in ୱେବ ସାଇଡ ରେ ଉପଲବ୍ଧ ଆବେଦନ ଫର୍ମ ସଂଗ୍ରହ କରି ଟ. ୧,୦୦୦/- (ଏକ ହଜାର ଟଙ୍କା ମାତ୍ର) ଭାରତୀୟ ଷ୍ଟେଟ ବ୍ୟାଙ୍କ, ନବରଙ୍ଗପୁର ର demand draft (ଡିମାଣ୍ଡ ଡ୍ରାଫ୍ଟ) ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର (Collector-cum-Chairman, District Council of Culture, Nabarangpur) ଙ୍କ ଠିକଣା ରେ ପ୍ରସ୍ତୁତ କରି ଜିଲ୍ଲା ସଂସ୍କୃତି ଅଧିକାରୀ, ନବରଙ୍ଗପୁର ଙ୍କ ଠିକଣା ରେ ରେଜିଷ୍ଟି ଡାକ / ସ୍ପୀଡ ଡାକ (Registration Post / Speed Post) ଡାକଯୋଗେ ମାଧ୍ୟମରେ ଦାଖଲ କରିବେ । ଏହି ଟଙ୍କା ଫେରସ୍ତ ଯୋଗ୍ୟ ନୁହେଁ ।

୦୪. ମାସିକ ଭଡା ପାଇଁ ଷ୍ଟଲ ପିଛା ଟ. ୧୦,୦୦୦/- (ଦଶ ହଜାର ଟଙ୍କା ମାତ୍ର) ରଖାଯାଇଛି, ମାତ୍ର ପରବର୍ତ୍ତୀ ସମୟରେ ଭଡା ବୃଦ୍ଧି କରିବା କ୍ଷମତା ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର ହାତରେ ରହିବ । ମାସିକ ଭଡା ଦେବାର ଖିଲାପ କଲେ ଦୋକାନ ଗୃହ ସଂସ୍କୃତି ପରିଷଦ ଅକ୍ତିଆର କରିବ । ଏତଦ୍ ବ୍ୟତୀତ ଅମାନତ ମୂଲ୍ୟ (Security Deposit) ବାବଦ କୁ ଟ.୨,୫୦,୦୦୦/- (ଦୁଇ ଲକ୍ଷ ପଚାଶ ହଜାର ମାତ୍ର) ଧାର୍ଯ୍ୟ କରାଯାଇଛି । ଷ୍ଟଲ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବ୍ୟକ୍ତିବିଶେଷ ଅମାନତ ମୂଲ୍ୟ ଏକକାଳୀନ ନଗଦ ଆକାରରେ ଲଟେରୀ ଉଠାଣ ପାଇ ଧାର୍ଯ୍ୟ ହୋଇଥିବା ତା. ୧୬.୦୮.୨୦୧୯ରିଖ ଦିନ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ରେ ଦାଖଲ କରିବେ ।

୦୫. ଏକାଧିକ ଦରଖାସ୍ତକାରୀ ଆସିଲେ ଏହି ଷ୍ଟଲ ଗୁଡିକ ନିଲାମ କରାଯାଇ ଲଟେରୀ ମାଧ୍ୟମରେ ସ୍ଥିରକୃତ କରାଯିବ ।

୦୬. ଦୋକାନ ଭଡା ବାବଦ ରେ ୩ ମାସ ପାଇଁ ଅଗ୍ରୀମ ଆକାରରେ ପ୍ରଦାନ କରିବେ ଓ ତଦନୁଯାୟୀ ଆବଶ୍ୟକୀୟ ଚୁକ୍ତି ପତ୍ର ସମ୍ପାଦନ କରାଯିବ ।

୦୭. ଦୋକାନ ଗୃହ ରେ ଗ୍ରାହକଙ୍କ ଆବଶ୍ୟକ ମୁତାବକ ବୈଦ୍ୟୁତିକ ସରଞ୍ଜାମ ଗ୍ରାହକ ନିଜ ଖର୍ଚ୍ଚରୁ ଲଗାଇବେ , ମାତ୍ର ସେଥିପାଇଁ ଆବଶ୍ୟକ NO OBJECTION CERTIFICATE ପରିଷଦ ତରଫରୁ ଯୋଗାଇ ଦିଆଯିବ । ମାସିକ ବୈଦ୍ୟୁତିକ ଖର୍ଚ୍ଚ ଗ୍ରାହକ ନିଜ ତରଫରୁ ପ୍ରଦାନ କରିବେ ।

୦୮. ଉକ୍ତ ଚୁକ୍ତିପତ୍ର ୧ ବର୍ଷ ପରେ ପୁନର୍ବାର ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର ଙ୍କ ଦ୍ୱାରା ନବୀକରଣ କରାଯିବ ।

୦୯. ଏହି ଦୋକାନ ଗୃହ ଗୁଡିକୁ ଗ୍ରାହକ ସବ-ଲିଜ କରିପାରିବେ ନାହିଁ ଓ ଦୋକାନ ଗୃହ ହସ୍ତାନ୍ତର ହେବାର ୧୫ଦିନ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାକୁ ସମ୍ପୃକ୍ତ ମାଲିକ ମାନେ ଚୁକ୍ତିନାମା କରିବେ ।

୧୦. ଏହି ଦୋକାନ ଘର ଗୁଡିକର ଲଟେରୀ ରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ଟ. ୨୫,୦୦୦/- (ପଚିଶ ହଜାର ମାତ୍ର) ବଇନା ଟଙ୍କା (Earnest Money) ଭାରତୀୟ ଷ୍ଟେଟ ବ୍ୟାଙ୍କ, ନବରଙ୍ଗପୁର ର demand draft (ଡିମାଣ୍ଡ ଡ୍ରାଫ୍ଟ) ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର (Collector-cum-Chairman, District Council of Culture, Nabarangpur) ଙ୍କ ଠିକଣା ରେ ପ୍ରସ୍ତୁତ କରି ଜିଲ୍ଲା ସଂସ୍କୃତି ଅଧିକାରୀ, ନବରଙ୍ଗପୁର ଙ୍କ ଠିକଣା ରେ ରେଜିଷ୍ଟି ଡାକ / ସ୍ପୀଡ ଡାକ (Registration Post / Speed Post) ଡାକଯୋଗେ ଦାଖଲ କରିବେ ।

ଲଟେରୀ ରେ ଯୋଗ୍ୟ ବିବେଚିତ ହୋଇନଥିବା ଦରଖାସ୍ତକାରି ଙ୍କ ବଇନା ଟଙ୍କା (Earnest Money) ନିଲାମ ଶେଷ ହେବାର ୧୫ ଦିନ ଭିତରେ ବିନା ସୁଧରେ ଫେରସ୍ତ କରାଯିବ ।

୧୧. ଜଣେ ବ୍ୟକ୍ତି ଏକ ବା ତଦୁର୍ଦ୍ଧ ଦୋକାନ ଘର ଲଟେରୀ ରେ ଅଂଶ ଗ୍ରହଣ କରିପାରିବେ ।

୧୨. ଲଟେରୀ ଯୋଗ୍ୟ ବିବେଚିତ ହୋଇଥିବା ୨ଗୋଟି ଷ୍ଟଲ ର ଗ୍ରାହକ ଛଅ ବର୍ଷ ମଧ୍ୟରେ ଦୋକାନ ଗୃହ ଛାଡିବାକୁ ଚାହିଁଲେ ସେମାନଙ୍କର ଅମାନତ ଟଙ୍କା ଫେରସ୍ତ କରାଯିବନାହିଁ । ଛଅ ବର୍ଷ ପରେ ଜମା କରିଥିବା ଟଙ୍କା ବିନା ସୁଧ ରେ ଫେରସ୍ତ ଯୋଗ୍ୟ ଅଟେ ।

୧୩. ତା. ୧୬.୦୮.୨୦୧୯ରିଖ ଦିବା ୩ ଘଟିକା ସମୟରେ ପ୍ରକଳ୍ପ ନିର୍ଦ୍ଦେଶକ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର ଙ୍କ ଅଧ୍ୟକ୍ଷତା ରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର ଙ୍କ ସଭାଗୃହ ରେ ୨ ଗୋଟି ଷ୍ଟଲ ଯଥା ୪ ଓ ୫ ଲଟେରୀ କରାଯିବ ।

୧୪. ଷ୍ଟଲ ନଂ ୪ ଓ ୫ ର ଆକାର :- ୧୨' x ୧୪' ବର୍ଗଫୁଟ୍

୧୫. କୌଣସି କାରଣ ନ ଦର୍ଶାଇ ଏହି ଲଟେରୀ କୁ ଯେକୌଣସି ମୁହୂର୍ତ୍ତ ବା ସମୟରେ ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର ରଦ୍ଦ ବା ନାକଚ କରିପାରିବେ ।

ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର ଙ୍କ ଆଦେଶ କ୍ରମେ ।

ଜିଲ୍ଲା ସଂସ୍କୃତି ଅଧିକାରୀ-ତଥା-ସମ୍ପାଦକ
ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର

# ମଣ୍ଡେଇ ମାର୍କେଟ କୋମ୍ପ୍ଲେକ୍ସ ର ଷ୍ଟଲ ନଂ ୪ ବା ୫ ନିମନ୍ତେ ଆବେଦନ ପତ୍ର

| | | |
|---|---|---|
| ୦୧. | ଆବେଦନକାରୀ ଙ୍କ ନାମ | : |
| ୦୨. | ପିତା /ସ୍ୱାମୀ ଙ୍କ ନାମ | : |
| ୦୩. | ଯୋଗାଯୋଗ ଠିକଣା | : |
| ୦୪. | ସ୍ଥାୟୀ ଠିକଣା<br>(ସ୍ଥାୟୀ ବାସସ୍ଥାନ ର ପ୍ରମାଣପତ୍ର<br>ର ନକଲ ସଂଲଗ୍ନ କରନ୍ତୁ) | : |
| ୦୫. | ଭୋଟର ପରିଚୟ ପତ୍ର / ଆଧାର କାର୍ଡ<br>(ନକଲ ସଂଲଗ୍ନ କରନ୍ତୁ) | : |
| ୦୬. | ଲଟେରୀ ରେ  ଭାଗ ନେବା ପାଇଁ<br>(ଡିମାଣ୍ଡ ଡ୍ରାଫ୍ଟ ନଂ, ତାରିଖ ଓ ଟଙ୍କା) | : |
| ୦୭. | ବଇନା ଟଙ୍କା ର<br>(ଡିମାଣ୍ଡ ଡ୍ରାଫ୍ଟ ନଂ, ତାରିଖ ଓ ଟଙ୍କା) | : |

ଏତଦ୍ ଦ୍ୱାରା ମୁଁ ଘୋଷଣା କରୁଅଛି ଯେ, ମୋ ଦ୍ୱାରା ପ୍ରଦତ୍ତ ଉପରୋକ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ । ଯଦି ଭବିଷ୍ୟତ ରେ ଏହା ଭୁଲ ପ୍ରମାଣିତ ହୁଏ, ମୋ ବିରୁଦ୍ଧରେ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ଦାୟୀ ରହିବି ।

ସ୍ଥାନ:

ଦରଖାସ୍ତକାରୀ ଙ୍କ ସ୍ୱାକ୍ଷର

ତା: